# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 09-01-2024

ରାୟଗଡ଼(ଓଡିଶା) - :2024-01-09 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-01-10 | 2024-01-11 | 2024-01-12 | 2024-01-13 | 2024-01-14 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 32.0 | 31.0 | 30.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 16.0 | 17.0 | 15.0 | 14.0 | 14.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 77 | 69 | 75 | 72 | 49 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 24 | 26 | 28 | 26 | 19 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 4 | 5 | 6 | 7 |
| ପବନର ଦିଗ (ଡିଗ୍ରୀ) | 152 | 180 | 158 | 162 | 333 |
| ମେଘାଚ୍ଛନ (ଅକ୍ଟା) | 4 | 4 | 2 | 0 | 0 |

## ପାଣିପାଗ ସାରାଂଶ/ସତର୍କ:

ଆସନ୍ତା ତିନି ଦିନ ପାଇଁ ଆଂଶିକ ମେଘୁଆ ଏବଂ ଶନିବାର ଏବଂ ରବିବାର ରେ ସ୍ୱଚ୍ଛ ଆକାଶ ହେବାର ସମ୍ଭାବନା ଅଛି | ସର୍ବାଧିକ ତାପମାତ୍ରା 30.0 ° C-32.0 ° C ରହିବ | ସର୍ବନିମ୍ନ ତାପମାତ୍ରା 14.0 ° C-17.0 ° C ରହିବ | ପବନର ବେଗ 4.0-7.0 କିଲୋମିଟର ରହିବ | ପୂର୍ବାହ୍ନ (49-77%) ଏବଂ ଅପରାହ୍ନରେ (19-28%) ଆର୍ଦ୍ର ଅବସ୍ଥା ପ୍ରାଧାନ୍ୟ ଦେଇପାରେ |

## ସାଧାରଣ ଉପଦେଶ:

କୁହୁଡି ଓ କମ୍ ତାପମାତ୍ରା ରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ହାଲୁକା ଜଳ ସେଚନ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଡାଲୁଆ ଧାନ ଚାଷ ପାଇଁ ଅଧିକ ଅମଳ କ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ , ମନସ୍ୱିନୀ, ଡିଆରଆର -୪୨, ଡିଆରଆର -୪୩, ଡିଆରଆର -୪୪, ବୀଣା-୧୧, ଜିବି-ବି୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧, |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ନବୀନ, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ । ଏକ ଏକର ଧାନ ଚାଷ ପାଇଁ ୨୦ କିଲୋ ଗ୍ରାମ ଧାନ ବିହନ ତଳି ପକେଇବା ପାଇଁ ଆବଶ୍ୟକ ହୋଇଥାଏ । ବିହନ ବିଶୋଧନ କରିବା ପାଇଁପ୍ରତି କିଲୋ ଗ୍ରାମ ଧାନ ବିହନ ରେ ୨ ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ ଏବଂ ଥିରାମ ର ମିଳିତ ଫିମ୍ପିନାଶକ କୁ ମିଶାଇ ବିହନ ବିଶୋଧନ କରନ୍ତୁ । |
| ସୋରିଷ | ବର୍ତ୍ତମାନ ସୋରିଷ ଚାଷ ରେ ନିମ୍ନମୁଖୀ ପତ୍ରପାଡା ରୋଗ ଦେଖାଯାଉଛି।ଏହା କୁ ନୟନ୍ତ୍ରଣ କରିବା ପାଇଁ ଏକର ପିଛା ପ୍ରତି ୨୦୦ ଲିଟର ପାଣି ରେ ୨୦୦ ମିଲି ଆଜୋକ୍ସିଷ୍ଟ୍ରୋବିନ୍ ୨୩% ଏସ.ସି. ମିଶାଇ ସିଂଚନ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫୁଲକୋବି | ଫୁଲକୋବି, ରେ ପତ୍ର ଖାଇବା ଶାଁବାଳୁଆ ଏବଂ ଫଳ ବୋର କୁ ନିୟନ୍ତ୍ରଣ କରିବା ପ୍ରତି ଲିଟର ପାଣି ରେ ୦.୫ ଗ୍ରାମ ଏମାକ୍ଟିନ୍ବେଞ୍ଜୋଏଟ୍ କିମ୍ବା ୦.୪ ମିଲି ସ୍ପିନୋସାଡ୍ ପ୍ରୟୋଗ କରନ୍ତୁ \| |
| ପିଆଜ | ପିଆଜ ତଳି ରୋଇବାର ୧୫-୨୦ ଦିନ ହୋଇଯାଇଥିଲେ କୋଡ ଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ଏବଂ ୧୫ କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ।ତଳି ରୋଇବା ର ୪୫-୫୦ ଦିନ ବେଳ କୁ ଆଉ ଥରେ କୋଡ ଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ଏବଂ ୧୫ କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ।ପିଆଜ ଗଛ ର ଚେର ମାଟି ର ଉପରି ଭାଗ ରେ ରହୁଥିବା ରୁ ମାଟି ସର୍ବଦା ଓଦା ରହିବା ଦରକାର କିନ୍ତୁ ପଣି ଜମି ରହିବା ଅନୁଚିତ୍।ରବି ପିଆଜ ଫସଲ ରେ ୧୦-୧୫ ଟି ଜଳେସଚନ ଦରକାର ପଡିଥାଏ।ମାଟି ବତର ଦଖି ୭ ରୁ ୧୦ ଦିନ ଅନ୍ତର ରେ ଜଳେସଚନ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ପ୍ରତି ଦିନ ଖଣିଜ ମିଶ୍ରଣ ସହ ୧୦ ରୁ ୨୦ ଶତକଡା ଲୁଣ, ଚୋକଡ ଓ ଗୁଡ ମିଶାଇଖାଇବାକୁ ଦିଅନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଶୀତ ଋତୁରେ କୁକୁଡା ମାନଙ୍କୁ ଅଧିକ ପରିମା ରି ଣର ଖାଦ୍ୟ ଓ ପାଣି ଦିଅଦିନ୍ତୁ । ତାପମାତ୍ରା ନିୟନିନ୍ତ୍ରଣ ପାଇଁକୁକୁଡା ଗୃହଗୃ ରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଠିକଠି ସମୟରେ ଟୀକାକରଣ କରନ୍ତୁ । |